# Akashvani, Sambalpur

## SAMBALPURI NEWS BULLETIN

### 23 January 2026 – 6.47- 6.52 am.

**********************************************

ଉପରାଷ୍ଟ୍ରପତି - କଟକ୍ ଗସ୍ତ ଆଇ.ଆଣ୍ଡ୍.ପି.ଆର୍

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆର୍ ଆଜାଦ୍ ହିନ୍ଦ୍ ଫୌଜ୍‌ର ପ୍ରତିଷ୍ଠାତା ନେତାଜୀ ସୁବାଷ୍ ଚନ୍ଦ୍ର ବୋଷ୍‌ଙ୍କର୍ ଶହେ ୨୯ ନମ୍ବର୍ ଜୟନ୍ତୀ କେ ଆଏଜ୍ ସାରା ଦେଶେ ପରାକ୍ରମ୍ ଦିବସ୍ ଭାବେ ପାଳନ୍ କରାଯାଉଛେ । ତାଙ୍କର୍ ଜନମ୍ ଜାଗା କଟକ୍ ନ ହେବାର୍‌କେ ଥିବା ପରାକ୍ରମ୍ ଦିବସ୍ ସମାରୋହଥି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇତାର୍‌ସହେତେ ସେ ଜିଲ୍ଲା ସଂସ୍କୃତି ଭବନ୍ ଉଦ୍‌ଘାଟନ୍ କର୍‌ବେ । ଉପରାଷ୍ଟ୍ରପତିଙ୍କର୍ ଗସ୍ତକେ ନେଇକରି ପ୍ରଶାସନ୍ ତର୍‌ଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଆଏଜ୍ ସଖାଲର୍ ୮ ବାଜିକରି ୫୦ ମିନିଟ୍‌ଥି ଉପରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବେ । ସେନୁ ସିଧାସଲଖ୍ କଟକ୍ ଯାଇକରି ନେତାଜୀଙ୍କର୍ ଜନମ୍ ଠାନ୍ ନ ପୁହୁଁଚିବେ । କାର୍ଯ୍ୟକ୍ରମ୍ ସାରିକରି ମଏଧାନର୍ ୨ ବଜେ ଉପରାଷ୍ଟ୍ରପତି କୋଲ୍‌କାତା ଯିବାର୍ କାର୍ଯ୍ୟସୂଚୀ ରହିଛେ । ଆଝିରର୍ ସମାରୋହଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍

ମାଝୀ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, କଟକ୍ ସାଂସଦ୍ ଭର୍ତ୍ତୃହରି ମହତାବ୍ ଆଉ ବିଧାୟକ୍ମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ବୀର ସୁରେନ୍ଦ୍ର ସାଏ- ଜୟନ୍ତୀ ଆର୍ଏନ୍ୟୁ ସମ୍ବଲପୁର୍

ସ୍ୱାଧୀନତା ସଂଗ୍ରାମ୍ର ମହାନ୍ ଯୋଦ୍ଧା ବୀର ସୁରେନ୍ଦ୍ର ସାଏଙ୍କର୍ ଆଏଜ୍ ୨ ଶହ ୧୭ ନମ୍ବର୍ ଜୟନ୍ତୀ । ୧୮୦୯ ମସିହା ଆଝିର୍ ଦିନେ ସମ୍ବଲ୍ପୁର୍ ଜିଲ୍ଲାର ଖିଣ୍ଡା ଗାଁ ନ ଇ ମହାନ୍ ଜନନାୟକଙ୍କର୍ ଜନମ୍ ହେଇଥିଲା । ୧୮୫୭ ମସିହା ସିପାହୀ ବିଦ୍ରୋହର୍ ୩୦ ବଛର୍ ଆଘୋନୁ ବ୍ରିଟିଶ୍ ସର୍କାର୍ଙ୍କର୍ ବିରୋଧିଥି ଅସ୍ତ୍ରଶସ୍ତ୍ର ଧରି କରି ସେ ମା' ମାଟିର୍ ମୁକ୍ତିର୍ ଲାଗି ଲଢ଼େଇ କରିଥିଲେ ।

ଇ ଅବ୍ସରେ ଆଏଜ୍ ତାଙ୍କର ଜନମ୍ସ୍ଥାନ ଖିଣ୍ଡା ଗାଁ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେବେ । ସେନ୍ତା ସମ୍ବଲ୍ପୁର୍ର ଜେଲ୍ଛକ୍ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତିଥି ପ୍ରଶାସନ୍ ଆର୍ ଭିନ୍ ଭିନ୍ ଅନୁଷ୍ଠାନ୍ ତର୍ଫୁ ଫୁଲ୍ମାଲ୍ ଦିଆଯିବାର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ସରସ୍ୱତୀ ପୂଜା ଆର୍ଏନ୍ୟୁ/ ସମ୍ବଲପୁର୍

ଆଏଜ୍ ପବିତ୍ର ଶ୍ରୀପଂଚ୍ମୀ । ମାଘ୍ ମାସର୍ ଉଜଲ୍ ପଖର୍ ପଂଚ୍ମୀ ତିଥି ନ ବାଗ୍ଦେବୀ ସରସ୍ୱତୀଙ୍କର୍ ପୂଜା ଆରାଧନା କରାଯାଉଛେ । ହିନ୍ଦୁଧର୍ମଥି ସରସ୍ୱତୀଙ୍କୁ ଜ୍ଞାନର ଦେବୀ ବଲି କୁହାଯାଏସି । ସରସ୍ୱତୀ ପୂଜା ଲାଗି ଗାଁ ଗହଲ୍ନୁ ନେଇକରି ଶିକ୍ଷାନୁଷ୍ଠାନ୍ମାନ୍କେ ଖାସ୍ ବ୍ୟବସ୍ଥା କରାଯାଇଛେ । ଇ ତିଥି ନ ଛୁଆମାନେ ପହେଲାକରି ଖଡ଼ି ଛୁଇଁବାର୍ ସହେତେ ବିଦ୍ୟାରମ୍ଭ କର୍ବାର୍ ପରମ୍ପରା ରହିଛେ ।

ଆଂଚଲିକ୍ ସମ୍ବାଦ୍ ବିଭାଗ୍ ଆର୍ଏନ୍ୟୁ ସମ୍ବଲ୍ପୁର୍

ଆକାଶ୍ବାଣୀ ସମ୍ବଲପୁର୍ କେନ୍ଦ୍ରର୍ ଆଂଚଲିକ୍ ସମ୍ବାଦ୍ ବିଭାଗ୍ ଆଏଜ୍ ତାର୍ ୧୧ ନମ୍ବର୍ ବଛରଥି ପାହା ଥାପିଛେ । ୨୦୧୬ ମସିହାଥି ଆଝିର୍ ଦିନେ ବୀର୍ ସୁରେନ୍ଦ୍ର ସାଏ ଆର୍ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ଙ୍କର୍ ଜନମ୍ ଦିନ୍ଥି ସମ୍ବଲ୍ପୁର୍ କେନ୍ଦ୍ରନ ଆଂଚଲିକ୍ ଖବର୍ ବିଭାଗ୍ ଥାପ୍ନା ହେବାର୍ ସହେତେ ସମ୍ବଲ୍ପୁରୀ ଭାଷାଥି ଖବର୍ ପ୍ରସାରଣ୍ ମୁଲ୍ କରିଥିଲା । ସମ୍ବଲ୍ପୁରୀ ଆଂଚଲିକ୍ ସମ୍ବାଦ୍ ପଶ୍ଚିମ୍ ଓଡ଼ିଶାର୍ ସବୁ ଇଲାକାର୍ ଖବର୍କେ ଘରେ ଘରେ ପୁହୁଁଚେଇ ପାରୁଛେ । ସମ୍ବଲ୍ପୁର୍ ଆକାଶବାଣୀ କେନ୍ଦ୍ରନୁ ସକାଲେ ଆଉ ସଂଜେ ଦିନ୍କେ ୨ ଥର୍ ପ୍ରସାରିତ୍ ହେଉଥିବା ଇ ଆଂଚଲିକ୍ ସମ୍ବାଦ୍କେ ବଲାଙ୍ଗିର୍, ଭବାନୀପାଟ୍ନା ଆର୍ ରାଉର୍କେଲା ଆକାଶ୍ବାଣୀ କେନ୍ଦ୍ର ଭିଲ୍ ରିଲେ କରୁଛନ୍ ।

ଇତାର୍‌ସହେତେ ଉପର୍‌ବେଲା ୪ ବଜେନୁ ଘଂଟେ ଉତ୍‌ରୁ ଘଂଟେ ପ୍ରସାରିତ୍ ହେଉଥିବାର୍ ୨ ମିନ୍‌ଟିଆ ମୁଖିଆ ଖବର୍ ପ୍ରସାରଣ୍ ପଶ୍ଚିମ ଓଡ଼ିଶାବାସୀର୍ ଶ୍ରୋତାମାନ୍‌କୁ ଆହୁରି ବାନ୍ଧିକରି ରଖିପାରିଛେ ।

ମୁଖ୍ୟ ଶାସନ୍ ସଚିବ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଲାକାଏଲ୍ ସବୁ ଜିଲ୍ଲାପାଲ୍ ମାନ୍‌କର୍ ସଙ୍ଗେ ଆଭାସୀ ଜରିଏ ବୈଠକ୍ କରିକରି ଜିଲ୍ଲା ମାନ୍‌କେ ଚାଲିଥିବା ଉନ୍ନୟନ୍ ପ୍ରକଳ୍ପ ମାନ୍‌କର ଅଗ୍ରଗତିର୍ ସମୀକ୍ଷା କରିଛନ୍ । ବୈଠକ୍‌ଥି ଶ୍ରୀମତୀ ଗର୍ଗ କହିଛନ, ଜିଲ୍ଲାପାଲ୍ ମାନେ ନିୟମିତ୍ ଭାବେ ଉନ୍ନୟନ୍ ପ୍ରକଳ୍ପମାନ୍‌କର୍ ସମୀକ୍ଷା କର୍‌ବେ । ସେ’ ଜିଲ୍ଲାକେ ଅର୍ଥନୈତିକ୍ ଅଂଚଲ୍ ଆଉ ଅଭିବୃଦ୍ଧିର୍ ଇଞ୍ଜିନ୍ ଭାବେ ବିକଶିତ୍ କର୍‌ବାର୍‌କେ ମୁଖ୍ୟ ଶାସନ୍ ସଚିବ ପରାମର୍ଶ ଦେଇଛନ୍ । ବୈଠକ୍‌ଥି ସ୍ୱାସ୍ଥ୍ୟସେବା, ପିଇବାର୍ ପାଏନ୍, ବ୍ଲକ୍‌ସ୍ତର୍ ନ ଖେଲ୍‌ପଡ଼ିଆ ତିଆରି ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରାଯାଇଥିଲା ।

ଧାନ୍ ଘିନା ଆଇ.ଆଣ୍ଡ୍.ପି.ଆର୍

ଚଲିତ ଖରିଫ୍ ଋତୁଥି ରାଜ୍ୟର୍ ୩୦ ଟା ଜାକ ଜିଲ୍ଲା ନ ଧାନ୍ ଘିନା ପ୍ରକ୍ରିୟା ତୁର୍‌ତିଥି ଚାଲିଛେ । ଯୋଗାଣ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ

ଆଏଜ୍‌ତକ୍ ରାଜ୍ୟର୍ ପାଖାପାଖି ୭ ଲାଖ୍ ଚାଷୀଙ୍କର୍ ଠାନୁ ୩୦ ଲାଖ୍ ୪୦ ହଜାର୍‌ନୁ ଅଏତ୍‌କା ମେଟ୍ରିକ୍‌ଟନ୍ ଧାନ୍ ଘିନା ଯାଇଛେ । ଇ ସମିଆଥି ସର୍କାର୍ ଧାନର୍ ସର୍ବନିମ୍ନ ସହାୟକ ମୂଲ୍ୟ ଆଉ ଇନ୍‌ପୁଟ୍ ସାହାଜ୍ ଲାଗି ୭ ହଜାର୍ ୯ ଶହ ୧୪ କୋଟିନୁ ଅଏତ୍‌କା ଟଙ୍କା ଚାଷୀମାନ୍‌କୁ ଯୁଗେଇ ଦେଇଛନ୍ । ସମ୍ବଲ୍‌ପୁର୍, ବର୍‌ଗଡ଼୍, ସୁବର୍ଣ୍ଣପୁର୍, ବଲାଙ୍ଗିର୍ ଆଉ ଝାର୍‌ସୁଗୁଡ଼ା ବାଗିର୍ ଜିଲ୍ଲା ନ ୬୦ ପ୍ରତିଶତ୍‌ନୁ ଅଏତ୍‌କା ଧାନ୍ ଘିନା ସର୍‌ଲାନ । ସମ୍ବଲ୍‌ପୁର୍ ଜିଲ୍ଲା ନ ୯୬ ପ୍ରତିଶତ୍ ଧାନ୍‌ଘିନା ସରିଛେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଆଏଜ୍ ଭିତ୍‌ରେ ଲୁକେ ମତାମତ୍ ଦେଇପାର୍‌ବେ ।

ସମ୍ବଲ୍‌ପୁରୀ ଧନୁଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ନ ଚାଲିଥିବା ସମ୍ବଲ୍‌ପୁରୀ ଧନୁଯାତ୍ରା ମହୋସ୍ଛବ୍ କଂସର୍ ମୃତ୍ୟୁ ସହେତେ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ମଥୁରା ନଗରୀ ସାଜିଥିବା ସହରର୍ ଗଙ୍ଗାଧର୍ ମଣ୍ଡପ କଂସ ଦର୍‌ବାର୍ ନ ଶେଷ୍ ଦୃଶ୍ୟଖଣ୍ଡ କଂସ ବଧ ମଂଚସ୍ଥ ହେଇଥିଲା । ସମାରୋହଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମ୍ବଲ୍‌ପୁର୍ ଧନୁଯାତ୍ରାର୍ ଆୟୋଜକ୍‌ମାନ୍‌କୁ ପ୍ରଶଂସା କରିଥିଲେ ।
ସେଆଡ଼େ ସଖାଲ୍‌ବେଲା ଗୋପପୁର ସାଜିଥିବା ଚାଉଁର୍‌ପୁର୍ ନ କୃଷ୍ଣ, ବଲରାମ୍‌ଙ୍କୁ ଧରିକରି ଅକ୍ରୁରଙ୍କର୍ ମଥୁରା ଗମନ ଦୃଶ୍ୟ ଅଭିନୟ କରାଯାଇଥିଲା ।

ମତଦାତା ଦିବସ-ଶପଥ୍ ପାଠ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଆଏବା ୨୫ ତାରିଖ୍ ହେବାର୍‌କେ ଥିବା ଜାତୀୟ ମତଦାତା ଦିବସ୍ ପାଲନ୍ ଲାଗି ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଗଲାକାଏଲ୍ ଗୁଟେ ଶପଥ୍ ପାଠ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ନୃପରାଜ୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅଧିକାରୀ ଆଉ କର୍ମଚାରୀମାନେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୩/୪ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ସୁନ୍ଦର୍‌ଗଡ୍, କଲାହାଣ୍ଡି ସହେତେ ରାଜ୍ୟର୍ ୭ ଟା ଜାଗା ନ ହାଲ୍‌କାନୁ ମଧମ୍ ଧରଣ୍‌ର କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।